

ଶୃଣ୍ୱନ୍ତୁ ବିଶ୍ୱେ ଅମୃତସ୍ୟ ପୁତ୍ରା

ମନୋଜ କୁମାର ମହାପାତ୍ର

ଏ ଜୀବନ କାହାରି ନୁହେଁ

ଏ ଜୀବନ କାହାର ? ଏଭଳି ପ୍ରଶ୍ନ ବେଳେବେଳେ ମନରେ ଉଙ୍କିମାରେ, ନା ମୋର, ନା ତୁମର, ନା ତାଙ୍କର, ନା ଆଉ କାହାର ! ଯାହାର ଜୀବନ ଥାଏ, ସେ ଜୀବ । ଜଗତରେ ଯଦି କିଛି ସବୁଠାରୁ ବିସ୍ମୟକର ଜିନିଷ ଥାଏ, ତାହା ହିଁ ନିଜର ଜୀବନ । ନିଜର ଜୀବନକୁ ଯିଏ ନିଠେଇ ଦେଖେ, ଭାସିଯାଏ ସାରା ବିଶ୍ୱ ବ୍ରହ୍ମାଣ୍ଡର ଛବି ଏବଂ ତାହାରି ଭିତରେ ଦେଖେ ନିଜକୁ ଏକ କ୍ଷୁଦ୍ରାତିକ୍ଷୁଦ୍ର ପିମ୍ପୁଡ଼ିଏ ଭଳି ସେ ଏକ ବିଶାଳ ବିଶ୍ୱ ମାନଚିତ୍ରରେ କେମିତି ଘୂରି ବୁଲୁଛି । କେତେବେଳେ ଏକଲା ତ କେତେବେଳେ ଆତ୍ମୀୟ ସ୍ୱଜନଙ୍କ ସାଙ୍ଗରେ, କେତେବେଳେ ଦୁଃଖରେ ତ କେତେବେଳେ ସୁଖରେ । ତା'ର ବୁଲିବାରେ ଅନ୍ତ ଘଟୁ ନାହିଁ । ଏହି ସଂସାର ଦୌଡ଼ରେ ପ୍ରତ୍ୟେକ ମଣିଷର ଅବସ୍ଥା ଏକା ଭଳି, ଗୋଟିଏ ଜୀବନ ସୁଅରେ ସଭିଏଁ ଆବିର୍ଭୂତ ହୁଅନ୍ତି, ଭାସନ୍ତି ପୁଣି ଅନ୍ତର୍ହିତ ହୋଇ ଯାଆନ୍ତି । କିନ୍ତୁ ଯିଏ ବିଜ୍ଞ, ସେ ଟିକିଏ ଅଲଗା ଦୃଷ୍ଟିରେ ଏ ଗତିମାନ ଜୀବନ ସୁଅକୁ ପରିଲକ୍ଷ୍ୟ କରେ । ଜୀବନକୁ ଏ ସଂସାରର ସମସ୍ତ ଇନ୍ଦ୍ରିୟଗ୍ରାହ୍ୟ ବସ୍ତୁ ସହିତ ଜଡ଼ିତ ନ କରି ଅନୁଭବ କରେ ଜୀବନକୁ ପ୍ରାଣବନ୍ତ କରୁଥିବା ଚେତନାଟିକୁ । ସେତିକି ବେଳେ ତା'ର ଆଗ୍ରହ ବେଦାନ୍ତ ଆଡ଼କୁ ମୁହାଁଏ, କାହିଁକି ନା ସେ ବୁଝିପାରେ ଯେ ଏଇ ମାୟାବୀ ଜୀବନଟି କାହାରି ନୁହେଁ ।

ମନୁଷ୍ୟର ପ୍ରକୃତ ସ୍ୱଭାବ ଦିବ୍ୟ (divine) ବୋଲି ବେଦାନ୍ତ କହେ । ପ୍ରଶ୍ନ ଉଠେ, ଏହାର ଅର୍ଥ କ'ଣ ? ବେଦାନ୍ତ କହେ ଯେ ଏ ଯେଉଁ ଜଗତ ମନ ଓ ଇନ୍ଦ୍ରିୟ ଦ୍ୱାରା ବୋଧଗମ୍ୟ ହେଉଛି, ତାହା ଦୃଶ୍ୟ (appearance) ମାତ୍ର । ଏହା ଯାହା ଦେଖାଯାଏ, ବାସ୍ତବରେ ତାହା ନୁହେଁ । ସବୁକିଛି ପରିବର୍ତ୍ତନୀୟ । କିନ୍ତୁ ଏହା ପଶ୍ଚାତରେ ରହିଛି ଏକ ଅପରିବର୍ତ୍ତନୀୟ ଓ ଅବିନାଶୀ ତତ୍ତ୍ୱ ଯାହାର ପରିବର୍ତ୍ତନ ନାହିଁ । ବେଦାନ୍ତ କହେ ଯାଙ୍କୁ ବ୍ରହ୍ମ ଯିଏ ସ୍ୱୟଂ ଏକ ସତ୍ (Existence) । ଏହି ସତ୍ ହି ସ୍ୱୟଂ ଚେତନା (Consciousness) ଯାହାଙ୍କର ସ୍ୱଭାବ ହିଁ କେବଳ ଆନନ୍ଦ (Bliss) । ମନ, ବୁଦ୍ଧି, ଇନ୍ଦ୍ରିୟ ଦ୍ୱାରା ତାଙ୍କୁ ଠାବ କରାଯାଇ ପାରିବନି । ଏହି ବ୍ଲିସ୍‌କୁ ଖ୍ରୀଷ୍ଟିଆନ ବାଇବେଲରେ କୁହାଯାଇଛି ଶାନ୍ତି (peace) ଏବଂ ସେଥିରେ ଉଲ୍ଲେଖ ହେଇଛି ଯେ the peace of God, which passeth all understanding.

ବ୍ରହ୍ମ ବାହ୍ୟ ଜଗତ ଓ ଅନ୍ତର୍ଜଗତରେ ସବୁଠାରେ ପରିବ୍ୟାପ୍ତ । ସେ ଅଛନ୍ତି ବୋଲି ଆମେ ଅଛନ୍ତି । ତାଙ୍କର ଅସ୍ତିତ୍ୱ ବିନା କାହାର ସ୍ଥିତି ନାହିଁ । 'ମୁଁ ଅଛି' ବୋଲି ଜଣେ କହେ । ସେ କେବେ ବି କହି ପାରିବନି ଯେ 'ମୁଁ ନାହିଁ' । ତୁମେ, ସେ, ସେମାନେ ନାହାନ୍ତି ବୋଲି ଜଣେ କହିପାରେ, କିନ୍ତୁ 'ମୁଁ ନାହିଁ' ବୋଲି କେହି କହି ପାରିବାନି । 'ମୁଁ ଅଛି' ହିଁ ସର୍ବବ୍ୟାପକ । ଏହା ହିଁ ଆତ୍ମା ବା ବ୍ରହ୍ମ । ଆମର ଆତ୍ମା ପରମ ଅସ୍ତିତ୍ୱର ଅଂଶବିଶେଷ । ପ୍ରଶ୍ନ ଉଠେ, ଏହି ଆତ୍ମା କ'ଣ ଆମ ହୃଦୟ ଭିତରେ ଅଛନ୍ତି ? ଯଦି କହିବା ଆମ ହୃଦୟ ଭିତରେ ଆତ୍ମା ଅଛନ୍ତି, ତେବେ ଆତ୍ମା ପାଇଁ ଗୋଟିଏ ଜାଗା ଦରକାର ହେବ । ଯିଏ ସବୁଠାରେ ପରିବ୍ୟାପ୍ତ, ତାଙ୍କର ଗୋଟିଏ ଜାଗା କାହିଁକି ଦରକାର ପଡ଼ିବ ! ତେଣୁ ଆମେ ହିଁ ସ୍ୱୟଂ ଆତ୍ମା । ତେଣୁ ମାଣ୍ଡୁକ୍ୟ ଉପନିଷଦରେ କୁହାଗଲା 'ଅୟମ୍ ଆତ୍ମା ବ୍ରହ୍ମ' ଅର୍ଥାତ୍ ମୋର ଆତ୍ମା ହିଁ ବ୍ରହ୍ମ ଯିଏ ପ୍ରତ୍ୟେକ ଶରୀରରେ ବ୍ୟାପି ରହିଛନ୍ତି । ଏହି ବ୍ୟାପି ରହିବାକୁ ଆତ୍ମା କୁହାଯାଏ । ମନୁଷ୍ୟର ମନକୁ ଏପରି ଭାବରେ ପ୍ରକୃତି ଗଠନ କରିଛି ଯେ ସ୍ଥାନ-କାଳ ବିନା କିଛି ଅବଧାରଣ କରି ହୁଏନା । ତେବେ ମୁଁ ଆତ୍ମା ବୋଲି କେମିତି ଜାଣିବି ? ଏଭଳି ପ୍ରଶ୍ନରେ ଗୁରୁ କହନ୍ତି- ଦେଖ ଶିଷ୍ୟ, ପ୍ରଥମେ ତୁ ନିଜକୁ ଆତ୍ମା ବୋଲି ଭାବ ଏବଂ ବାରମ୍ବାର ସ୍ମରଣ କରିବା ସହିତ ସାଧନା କର । ତେବେ ତୁମେ ଯେଉଁ ବ୍ରହ୍ମଙ୍କୁ ପାଇବାକୁ ଚାହୁଁଛ, ସେହି ବ୍ରହ୍ମ ହିଁ ତୁମେ ଯିଏ ଆତ୍ମା ଆକାରରେ ଶରୀରରେ ବାସ କରୁଛନ୍ତି ।

ସମଗ୍ର ଜୀବନକୁ ନିରୀକ୍ଷଣ କର । ଦେଖିବ, ଜୀବନ କିପରି ଚାରୋଟି ପାଦରେ ଗତି କରୁଛି । ଏହା ବିଲକୁଲ ମନଗଢ଼ା କଥା ନୁହେଁ । ଆମର ଜ୍ଞାନଦୀପ୍ତ ଋଷିମାନେ ମାଣ୍ଡୁକ୍ୟ ଉପନିଷଦରେ ସରଳ ଭାବରେ ବୁଝାଇ ଦେଇଛନ୍ତି ଯାହାକୁ ଜଣେ ଆତ୍ମନିଷ୍ଠ ହୋଇ ନିଜ ଜୀବନରେ ବି ଆଜି ପରୀକ୍ଷା କରି ପାରିବ । ଏହି ଚାରି ପାଦକୁ ଚତୁଷ୍ପାଦ୍ ବା ଚତୁଷ୍ପଦ କହନ୍ତି । ଜୀବନର ଏହି ଚାରି ଅବସ୍ଥା ପରସ୍ପର ସହିତ ସମ୍ପୃକ୍ତ । ଏଠାରେ ପାଦ କହିଲେ ଗାଈ କି ଅନ୍ୟ ଜୀବର ପାଦକୁ ବୁଝା ଯାଏନି । ଏଠାରେ ପାଦ କହିଲେ ମୁଦ୍ରାର ଅଂଶ ପରି ବୁଝାଯିବ । ଯେପରି ପଚିଶ ପଇସା ପଚାଶ ପଇସା ଭିତରେ ଲୀନ ହୋଇଯାଏ, ପଚାଶ ପଇସା ଟଙ୍କାଟିଏ ଭିତରେ ଲୀନ ହୋଇଯାଏ, ସେହିପରି ଏହି ଚତୁଷ୍ପଦର କଥା । ମଣିଷ ଜୀବନର ଏହି ଚାରୋଟି ଅବସ୍ଥା ଭିତରୁ ସର୍ବଦା ତିନୋଟି ଅବସ୍ଥା ଦେଇ ପ୍ରତ୍ୟେକ ମଣିଷ ନିତି ଗତିକରେ । ପ୍ରଥମଟି ହେଲା- ଜାଗ୍ରତ ଅବସ୍ଥା ଅର୍ଥାତ୍ ବିଶ୍ୱ । ବିଶ୍ୱ କହିଲେ ଜୀବାତ୍ମା ବା ବ୍ୟକ୍ତିକ ଆତ୍ମାକୁ ବି ବୁଝାଏ । ଏହି ଅବସ୍ଥାରେ ଜୀବାତ୍ମା ଦୃଶ୍ୟ ଜଗତକୁ ଅନୁଭବ କରେ । ଦେହ ଓ ମନ ପୂର୍ଣ୍ଣ ସଚେତନ ରହିଥାଏ । ଏହି ଜାଗ୍ରତ ଅବସ୍ଥାରେ ଅହଙ୍କାର ବେଶୀ ତା'ର ଖେଳ ଦେଖାଏ । ସବୁ ଦିଗରେ ଏହାର ଅତିଶୟତା ମଧ ଦେଖାଏ । ଇନ୍ଦ୍ରିୟଗୁଡ଼ିକ ଅତି ମାତ୍ରାରେ ଚଳଚଞ୍ଚଳ ହୁଅନ୍ତି । ବାହ୍ୟ ଇନ୍ଦ୍ରିୟଗ୍ରାହ୍ୟ ବସ୍ତୁ ପ୍ରତି ମଣିଷ ଅଧିକ ଆକର୍ଷିତ ହୁଅନ୍ତି । ଯଦି ଅହଙ୍କାର ଉପରେ ନିୟନ୍ତ୍ରଣ ଜାରି କରା ନଯାଏ, ପାଞ୍ଚୋଟି ଯାକ ଇନ୍ଦ୍ରିୟ ଉଚ୍ଛୃଙ୍ଖଳ ହୋଇ ଦଙ୍ଗା ସୃଷ୍ଟି କରି ପକାଇବେ । ଦ୍ୱିତୀୟଟି ଆସେ ତୈଜସ୍ ଅର୍ଥାତ ସ୍ୱପ୍ନ ଅବସ୍ଥା । ଏହି ଅବସ୍ଥାରେ ଜୀବାତ୍ମା ଜାଗ୍ରତ ଅବସ୍ଥାର ପ୍ରତିଫଳନ ବା ରିଫ୍ଲେକ୍ସନ ଦେଖେ ବା ଅନୁଭବ କରେ । ଏହି ଅବସ୍ଥାରେ ମନର ଅଧା ଜ୍ଞାନ ବା ଚେତନା ରହିଥାଏ, କିନ୍ତୁ ଦେହର ଜ୍ଞାନ ବିଲକୁଲ ନଥାଏ । ଜାଗ୍ରତ ଅବସ୍ଥାରେ ଠୁଳିତ ଛାପକୁ ମନର ସାମାନ୍ୟ ସଚେତନତା ପ୍ରକାଶ କରେ, ତାହା ପୁଣି ଅତି ବିଶୃଙ୍ଖଳିତ ଭାବରେ । କାହିଁକି ନା ମନ ସେତେବେଳେ ଅର୍ଦ୍ଧସଚେତନ ଅବସ୍ଥାରେ ରହିଥାଏ । ଅହଙ୍କାର ଅର୍ଦ୍ଧ-ଚେତନଶୀଳ ଅବସ୍ଥାରେ ରହିଲେ ସ୍ୱପ୍ନ ଆସିଥାଏ । ଜାଗ୍ରତ ଅବସ୍ଥାରେ ଚେତନା ପୂର୍ଣ୍ଣ ବିକଶିତ ହୋଇଥାଏ ।

ତୃତୀୟଟି ହେଲା ପ୍ରଜ୍ଞା ଅବସ୍ଥା । ଏହି ଅବସ୍ଥା ସୁଷୁପ୍ତି ବା ଗାଢ଼ ନିଦ୍ରା ଅବସ୍ଥା । ଏହି ଅବସ୍ଥାରେ ଜୀବାତ୍ମା ଦୃଶ୍ୟ ଜଗତକୁ ଅନୁଭବ କରେନାହିଁ । ପରମ ଶାନ୍ତି ଓ ଆନନ୍ଦ ଅନୁଭବ କରେ । କିନ୍ତୁ 'ମୁଁ'ର ଅସ୍ତିତ୍ୱ ଥାଏ । ତେଣୁ ଜାଗ୍ରତ ଅବସ୍ଥାକୁ ଫେରି ଆସିବା ପରେ ଗାଢ଼ ନିଦ୍ରାରେ ଶୋଇଥିବା ଲୋକଟି କହେ- ଓହୋ, ମୁଁ ଗାଢ଼ ନିଦ୍ରାରେ ଶୋଇ ଯାଇଥିଲି ! କିଛି ଜାଣି ପାରିଲିନି । ଯେହେତୁ ଏହି ଅବସ୍ଥା (ସୁଷୁପ୍ତି)ରେ ଅନ୍ତଃକରଣର ମନ ଓ ବୁଦ୍ଧିର ଚେତନା ନଥାଏ, ସେଥିପାଇଁ କୌଣସି ଧାରଣା, ଭାବନା, କଳ୍ପନାର ଉପସ୍ଥିତି ରହେନାହିଁ । କେହି କିଛି ଜାଣି ପାରିବେନି ।

ଜାଗ୍ରତ ଓ ସ୍ୱପ୍ନ ଅବସ୍ଥାରେ ଅହଙ୍କାରର ରାଜତ୍ୱର ପରିସମାପ୍ତି ଘଟେନି । ଏହି ଦୁଇଟି ଅବସ୍ଥାରେ ଅହଙ୍କାର ସମାନ । ଜୀବନକୁ ଆତ୍ମା ପ୍ରାଣବନ୍ତ କରୁଛି ବୋଲି ଅହଙ୍କାର ସମ୍ପୂର୍ଣ୍ଣ ଭାବେ ଭୁଲିଯାଏ ଏବଂ ଅଜ୍ଞାନ ଦ୍ୱାରା ଭ୍ରମିତ ହୁଏ । ସେଥିପାଇଁ ସେ କହେ ମୋ ଜୀବନ । ସୁତରାଂ, ଜାଗ୍ରତ ଅବସ୍ଥାରେ ଏଇ କଥାଟିକୁ ମନେ ରଖି ଆମେ ଆମର ସମସ୍ତ କାର୍ଯ୍ୟକୁ ବିଶ୍ଳେଷଣ କରିବା ଚାହି । ଆମର ଅସୁବିଧାଟି ହେଉଛି ଯେ ଆମେ ଜାଗ୍ରତ ଅବସ୍ଥାରେ ବର୍ତ୍ତମାନର ମୁହୂର୍ତ୍ତରେ ବାସ କରନ୍ତି ନାହିଁ । ଆମର ସମସ୍ତ କାର୍ଯ୍ୟ ଅହଙ୍କାରର କଳ୍ପନା ଦ୍ୱାରା ପ୍ରଭାବିତ । ସେଥିପାଇଁ ଅତୀତର କର୍ମକୁ ମନେ ପକାଉ ଓ ଭବିଷ୍ୟତ ପାଇଁ ଚିନ୍ତିତ ହେଉ । ଏହି ଅହଙ୍କାର ହିଁ ସବୁ ନାଟର ଗୋବର୍ଦ୍ଧନ ଯିଏ ଆମର ଅସଲ ସ୍ୱରୂପକୁ ଚିହ୍ନିବାରେ ବାଧକ ସାଜିଥାଏ । ତା'ପରେ ଆସେ ତୁରୀୟ ଅବସ୍ଥା । ଏହି ଅବସ୍ଥାରେ ସମ୍ପୂର୍ଣ୍ଣ ବ୍ରହ୍ମ ଅନୁଭୂତି । ଏହି ଅବସ୍ଥାର ପ୍ରାପ୍ତି କେବଳ ଆଧାତ୍ମିକ ସାଧନା ଦ୍ୱାରା ସମ୍ଭବ । ଆମ ପରି ସାଧାରଣ ମଣିଷ ଆଧାତ୍ମିକ ସାଧନା ବିନା ଏହାର ସ୍ୱାଦ ଚାଖି ପାରିବେନି । ଯେପରି ଆମେ ଜୀବନ ସୁଅରେ ଭସି ଯାଉଥିବା ଉପରୋକ୍ତ ତିନୋଟି ଅବସ୍ଥାକୁ ଅନୁଭବ କରି ପାରନ୍ତି, ସେପରି ଏହି ତୁରୀୟ ଅବସ୍ଥାର ଅନୁଭୂତି ସାଧନା ବିନା ଅର୍ଜନ କରି ହୁଏନି ।

ଜାଗ୍ରତ ଅବସ୍ଥା ସ୍ଥୂଳ ଜଗତ ସହିତ ସମ୍ପୃକ୍ତ । ଏହି ସ୍ଥୂଳରୁ ଆମେ ବ୍ରହ୍ମ ପ୍ରାପ୍ତି ସକାଶେ ସାଧନାରେ ସୂକ୍ଷ୍ମ ଆଡ଼କୁ ଯିବାର ଯାତ୍ରା ଆରମ୍ଭ କରି ପାରିବା । ପ୍ରଜ୍ଞା ହେଉଛି ଜ୍ଞାନ ବା ଚେତନା । ଏହି ଅବସ୍ଥା ଜୀବାତ୍ମାର ପ୍ରଥମ ଅଭିବ୍ୟକ୍ତି ଯାହା ଫଳରେ ଜୀବ ସ୍ଥୂଳ ଜଗତରେ ମଜ୍ଜି ଯାଏ । ତାକୁ ହିଁ ସତ୍ୟ ବୋଲି ଭାବେ । ମାୟାର ପ୍ରହେଳିକା ଯୋଗୁଁ ଆମେ ଜୀବନ ପ୍ରଦାନକାରୀ ଆତ୍ମାକୁ ଚିହ୍ନି ପାରନ୍ତିନି । ଆତ୍ମାର ପ୍ରତ୍ୟକ୍ଷ ଜ୍ଞାନ ଦ୍ୱାରା ଏହି ମାୟାକୁ କାଟି ହେବ । ଜୀବ ଓ ବ୍ରହ୍ମ ଭିତରେ ରହିଥିବା ସମସ୍ୟାକୁ ପ୍ରଥମେ ଆମକୁ ବିବେକ ଓ ବୈରାଗ୍ୟର ଆତ୍ମ-ବିଶ୍ଳେଷଣ ରୂପକ ଖଡ୍ଗ ଦ୍ୱାରା ଚିହ୍ନିବାକୁ ହେବ । ଯେହେତୁ ମାୟା ଯୋଗୁଁ ଅହଙ୍କାର ପ୍ରହେଳିକା ଓ ଭ୍ରମ ସୃଷ୍ଟି କରେ, ଆମକୁ ବୁଝିବାକୁ ହେବ ଯେ ଏହି ମାୟା ବା ଭ୍ରମର ସମ୍ପର୍କ ଆତ୍ମା ସହିତ ବିଲକୁଲ ନାହିଁ ।

ଏଠାରେ ଆତ୍ମା କେବଳ ଦେହଧାରୀ ଜୀବନର ଅନୁଭୂତିର ତିନୋଟି ଅବସ୍ଥା ଦେଇ ଗତି କରେନାହିଁ, ବରଂ ପ୍ରତିବିମ୍ବିତ ଆତ୍ମା ନିଜକୁ ଦେହ ଓ ମନର ଯନ୍ତ୍ରରେ ପଡ଼ି ଏସବୁ ଅନୁଭୂତି ଅର୍ଜନ କରୁଛି ବୋଲି ନିଜକୁ ଭାବି କନଫ୍ୟୁଜଡ୍ ହୋଇଥାଏ । ଜୀବ ଓ ବ୍ରହ୍ମ ଅଲଗା ବୋଲି ଭାବିବାରେ ଯେଉଁ ସମସ୍ୟା ଜାତ ହେଉଛି, ତାକୁ ବୁଝିବା ପାଇଁ ଅହଙ୍କାର ଶବ୍ଦକୁ ବ୍ୟବହାର କରାଯାଇଛି । ଗଭୀର ନିଦ୍ରାରେ ସମଗ୍ର ସ୍ଥୂଳ ଶରୀର ଏବଂ ସୂକ୍ଷ୍ମ ଶରୀର ସମ୍ପୂର୍ଣ୍ଣ ଅଜ୍ଞାନ ଓ ଅଚେତ ହୋଇଯାଏ ଏବଂ ଅହଙ୍କାର ସେଥିରେ ନିମଜ୍ଜିତ ବା ମିଳେଇ ଯାଏ । ଆମେ ଏଥିରୁ ବୁଝିଲେ ଯେ ଅହଙ୍କାରର ଅବସ୍ଥିତି ମନରେ ରହିଛି, କାହିଁକି ନା ଅହଙ୍କାର ହେଉଛି ମନରେ ସବୁଠାରୁ ଏକ ଶକ୍ତିଶାଳୀ ଭାବନା । ଗଭୀର ନିଦ୍ରାରେ ମାନେ ସୁଷୁପ୍ତି ଅବସ୍ଥାରେ ଅହଙ୍କାର ସତେକି ନିଜର ଗଣ୍ଠିଲିପତ୍ର ବାନ୍ଧି କିଛି ମୁହୂର୍ତ୍ତ ପାଇଁ ନିଜର ଘର ଖାଲି କରି କୁଆଡ଼େ ଚାଲିଯାଇଛି !

ସ୍ୱପ୍ନ ଓ ଜାଗ୍ରତ ଅବସ୍ଥାରେ ସ୍ଥୂଳ ଶରୀର ଏବଂ ସୂକ୍ଷ୍ମ ଶରୀରର କିଛି ଅଂଶ (କର୍ମେନ୍ଦ୍ରିୟ) ଅଚେତନ ହୋଇଯାଏ, କିନ୍ତୁ ମନର ଉପସ୍ଥିତି ରହିଥାଏ । ଅହଙ୍କାରର ପ୍ରକାଶ ତଥାପି ପଚାଶ ପ୍ରତିଶତ ରହିଥାଏ । ବାସ୍ତବରେ ଦେଖିବାକୁ ଗଲେ ଆମେ ଯେଉଁ ଜୀବନ ପାଇଛନ୍ତି, ତାହା କେବେ ବି ମୋର ନୁହେଁ, ତୁମର ନୁହେଁ କି ତାଙ୍କର ନୁହେଁ କି ଆଉ କାହାର ନୁହେଁ । କିନ୍ତୁ ଘୋର ମାୟାରେ ବଶୀଭୂତ ହୋଇ କେବଳ ଆମେ ମୋର ମୋର ଜୀବନକୁ କହନ୍ତି । ଜାଗ୍ରତ ଓ ସ୍ୱପ୍ନାବସ୍ଥାରେ ଦେଖିଥିବା ଜିନିଷଗୁଡ଼ିକର ଯେପରି ସୁଷୁପ୍ତି ଅବସ୍ଥାରେ ଚିହ୍ନବର୍ଣ୍ଣ ରହେନି ଅଥବା ଜୀବ କିଛି ଅନୁଭବ କରି ପାରେନି, ଠିକ୍ ସେହିଭଳି ଆମର ଏ ଜୀବନ ପ୍ରବାହ । ଏହି ଚେତନାଟି ଯଦି କାହାରି ମନରେ ଉଦୟ ହୁଏ, ସେ ନିଶ୍ଚିତ ଭାବରେ ଜୀବନକୁ ମୋର, ତୋର, ତାଙ୍କର କି ଆଉ କାହାର ଭଳି ଶବ୍ଦରେ ବିଭାଜିତ କରି ନ ପାରି କେବଳ ଗୋଟିଏ ଜୀବନ ପ୍ରବାହକୁ ଦେଖିବ ଯାହାର ଅଧିଷ୍ଠାନ ହେଉଛନ୍ତି ଏକ ଓ ଅଦ୍ୱୈତ ସତ୍-ଚିତ୍-ଆନନ୍ଦ-ଅନନ୍ତ-ବ୍ରହ୍ମ ବା ଆତ୍ମା । ■

(ବାକି ଆର ଥରକୁ)